# ଅଦିନର ଅତିଥି

ସବୁଦିନେଇ ମୁଁ ରହି ଆସିଲି ଅଦିନର ଅତିଥି ।

ଶୁଭାର ଜନ୍ମଦିନ ପାର୍ଟିରେ ସେଥର ମୁଁ ଅନାହୂତ ଆସି ପହଞ୍ଚି ଯାଇଥିଲି ହଠାତ୍ ଶୂନ୍ୟରୁ ଆବିର୍ଭୂତ ହେବାପରି ଅନେକ ଦିନ ପରେ । ଶୁଭା ଅବଶ୍ୟ ସୌଜନ୍ୟର ଖାତିର୍‌ରେ ମତେ ଅଭିନନ୍ଦନ ଜଣାଉଥିଲା । ପୁରୁଣା ଅଭ୍ୟାସବଶତଃ ବୋଧହୁଏ କଥାବାର୍ତ୍ତା ବେଳେ ଓଠ ଫୁଲାଇଥିଲା, ଯାହା କେବଳ ଶୁଭାର ଏକ ବୈଶିଷ୍ଟ୍ୟ- ଅକାରଣରେ ତା' ର କଳାଭୁଜଙ୍ଗ ପରି ବେଣୀକୁ ବାଁହାତ ପାପୁଲି ଉପରେ ରଖି ତାକୁ ସାଉଁଳି ଥିଲା । କିନ୍ତୁ ମୋର ସନ୍ଧାନୀ ଆକ୍ଷିରୁ ବାଦ୍ ପଡୁ ନ ଥିଲା, ଏସବୁ କେବଳ ମନରଖା ଅଭିନୟ! ସେଥିରେ ଶୁଭାର ଆନ୍ତରିକତା ନଥିଲା, ଥିଲା ସୌଜନ୍ୟ । ଶୁଭାର ବାପା ମହିମାଶଙ୍କର ବାବୁ ଅନ୍ୟ ଦିନମାନଙ୍କ ପରି ମାଇଁ ଡିଅର୍ ମିଜାଜ୍‌ରେ ନ ଥିଲେ, କିମ୍ବା କମ୍ପିଟିଟିଭ୍ ଟେଷ୍ଟ୍‌ରେ ମୁଁ ଯେପରି ଖରାପ ନ କରେ ସେଥିପାଇଁ ଚୁରୁଟ୍‌ରୁ କଳେ କଳେ ଧୂଆଁର କୁଣ୍ଡଳୀ ଭିତରେ ବାରମ୍ବାର ତାକିଦ୍ କରିଦେଉ ନ ଥିଲେ । ବରଂ ସେ ମୋର ଉପସ୍ଥିତି ପ୍ରତି ଥିଲେ ସମ୍ପୂର୍ଣ୍ଣ ନିସ୍ପୃହ । ମୁଁ ବୋଧହୁଏ ଶୁଣି ପାରିଥିଲି, ପାର୍ଟିରେ ମୋତେ ଦେଖିବା ମାତ୍ରେ ବିରକ୍ତି ଆଉ କଣ୍ଠସ୍ୱର ଚାପି ମୋ ଆଡ଼େ ଚାହିଁ ସେ ଫିସ୍‌ଫିସ୍ କଣ୍ଠରେ ଆକ୍ଷେପ ହାଣିଥିଲେ- 'ଭାଗାବଣ୍ଡ' ।

ଶୁଭା ମୋତେ ଅନ୍ୟ ଦିନମାନଙ୍କ ପରି ବିଦାୟ ଦେବା ପାଇଁ ତାଙ୍କ ଛୋଟ ଲନ୍ ଡେଇଁ ଫାଟକ ପର୍ଯ୍ୟନ୍ତ ଆସି ନ ଥିଲା । ବାରଣ୍ଡା ପାହାଚ ଉପରେ କେବଳ ସେ ମୋତେ ବିଦାୟ ଦେଲାବେଳେ ଆକାଶରେ ଚେନାଏ ପୋଡ଼ା ଜହ୍ନ ଆଡ଼େ ଚାହିଁ କହିଥିଲା- "ମୋତେ ମାଫ୍ କରିବ ସୁବ୍ରତ, ତୁମେ ଅବେଳରେ ଆସିଲ – ଏ ଡେ ଟୁ ଲେଟ୍!"

'ଅଦିନର ଅତିଥି' କଥାଟା ଶୁଭାର । ଏ ବିଶେଷଣଟା ମୋ ପକ୍ଷରେ ପୂରାପୂରି ପ୍ରଯୁଜ୍ୟ । ଶୁଭାର ଅନ୍ତର୍ଦୃଷ୍ଟି ଅଛି । ଆଇରନୀ! ବହୁ ଦିନର ବ୍ୟବଧାନ ପରେ ମୁଁ ସେଦିନ ପହଞ୍ଚିଥିଲି, ଶୁଭାର ବାକ୍‌ଦାନ ଉତ୍ସବରେ!

ଶ୍ରାବଣର ପାଉଁଶିଆ ଆକାଶ ତଳେ, ଖଣ୍ଡେ ଭସାମେଘର କୁହୁଡ଼ି ଭିତରେ ରିକ୍‌ସା ଚଢ଼ି ମସୋରୀ ବସ୍‌ଷ୍ଟାଣ୍ଡ୍‌ରୁ ମୁଁ ହୋଟେଲ ସନ୍ଧାନରେ ମଲ୍ ଆଡ଼େ ଘାଟି ରାସ୍ତାରେ ଉଠିବା ବେଳେ ନିଜକୁ ନିଜେ କହୁଥିଲି- "ତୁମେ ସବୁଦିନେ ରହିଆସିଲ ଅଦିନର ଅତିଥି! ନୋହିଲେ ଜୁଲାଇ ମାସରେ ଆସିଥାନ୍ତ ମସୋରୀ?"

ହିଲ ଷ୍ଟେସନ୍‌ମାନ ଛାଡ଼ିଥାନ୍ତି ଲୋକେ ଏହାର ମାସକ ଆଗରୁ । ସିଜନ୍ ଆରମ୍ଭ ହୁଏ ପୁଣି ବର୍ଷା ପରେ- ଅକ୍ଟୋବର ବେଳକୁ ମସୋରୀରେ ରୂପ, ରସ ଆଉ ରଙ୍ଗର ମେଳା । ଏବେ କିନ୍ତୁ ଶସ୍ତା ସିଗାରେଟ୍ ଟାଣି, କାନ୍ଧରେ ଦଉଡ଼ି ପକାଇ, ଖାକି ପ୍ୟାଣ୍ଟ କୋଟ୍ ପିନ୍ଧି ଶୂନ୍ୟ ଦୃଷ୍ଟିରେ ବୁଲୁଥିବା ଦଳ ଦଳ ଶେର୍ପା ଆଉ ବିବର୍ଣ୍ଣ ଉଦ୍ୟାନରେ ଗୋଟାଏ ଦୁଇଟା ନିଃସଙ୍ଗ ପ୍ରଜାପତି ପରି ଜଣେଅଧେ ଟୁରିଷ୍ଟଙ୍କ ବ୍ୟତୀତ ମସୋରୀର ରାସ୍ତା ସବୁ ନିର୍ଜନ! ଶୁନ୍‌ଶାନ୍!

ବସ୍‌ଷ୍ଟାଣ୍ଡରେ ମଧ୍ୟ ଯାତ୍ରୀ ନ ଥିଲେ । ଦେରାଦୁନ୍ ଷ୍ଟେସନ୍‌ରୁ କେବଳ ମୋ ସଙ୍ଗରେ ବସ୍‌ରେ ଆସିଥିଲେ ଦଳେ ସିନେମା କ୍ରୁ ଆଉ ଅଭିନେତା, ଅଭିନେତ୍ରୀ । ମସୋରୀରେ ସୁଟିଙ୍ଗ୍ । କଣ୍ଡକ୍ଟର ବରାବର ଘୁର୍‌ଘୁର୍ ହେଉଥିଲା ଅଭିନେତା ଅଭିନେତ୍ରୀମାନଙ୍କ ପାଖରେ । ସେମାନଙ୍କୁ ସେ ଦେଖିଛି ହିନ୍ଦୀ ସିନେମାରେ । ସେମାନଙ୍କ ମାଂସଳତା ମଧ୍ୟରେ ସେ ପାଇଛି ବିକଳ୍ପ ପରିତୃପ୍ତି, ତା' ର ସ୍ତିମିତ ସ୍ନାୟୁକେନ୍ଦ୍ର ସବୁ ଉଜ୍ଜୀବିତ ହୋଇଛି, ସେ ଖବର ସେ ଅବଶ୍ୟ ରଖିନାହିଁ । କିନ୍ତୁ ତା' ଦୃଷ୍ଟିରେ ସେମାନେ 'ହୀରୋ', 'ହିରୋଇନ୍', ତା' ର ସ୍ୱପ୍ନର ନାୟକ, ନାୟିକା-

ସେମାନଙ୍କ ଅଟୋଗ୍ରାଫ୍ ସଂଗ୍ରହରେ ସେ ଏତେ ବ୍ୟସ୍ତ ଥିଲା ଯେ ମୋର ଟିକେଟ୍ କାଟିବା ପାଇଁ ସୁଦ୍ଧା ସେ ଭୁଲିଯାଇଥିଲା । ଡ୍ରାଇଭର୍ ବେଳେବେଳେ ପଛକୁ ଫେରି ଚାହୁଁଥିଲା ଷ୍ଫୀତବକ୍ଷା 'ଷ୍ଟାର' ମାନଙ୍କ ଆଡ଼େ । ମୋର ଦେହ ଶୀତେଇ ଉଠୁଥିଲା ଘାଟି ରାସ୍ତାରେ ହର୍ଷ-ସୁ ବେଣ୍ଡମାନଙ୍କରେ ଯେତେବେଳେ ଉର୍ବଶୀମାନେ ଖିଲ୍‌ଖିଲ୍ ହସି ତା' ର ତପୋଭଙ୍ଗ କରୁଥିଲେ ଆଉ ଷ୍ଟିଅରିଙ୍ଗ୍ ଉପରେ ହାତ ରଖି ସେ ପଛକୁ ଚାହୁଁଥିଲା ବିଷଣ୍ଣ, କ୍ଷୁଧିତ ଦୃଷ୍ଟିରେ ।

ମେଘ ଖଣ୍ଡେ କୁହୁଡ଼ିର ଓଢ଼ଣା ପରି ମୋ ମୁହଁ ଆଉ କପାଳ ଉପରେ ଲେସି ହୋଇ ଭାସି ଚାଲିଗଲା । ମେଘଲୋକର ଇଏ ଏକ ବିଚିତ୍ର ଅନୁଭୂତି । ଏଇ ମେଘକୁ ମୁଁ ଯଦି ରୁମାଲ ପରି ହାତମୁଠାରେ ଚାପି ମୁହଁ ଆଉ କପାଳରେ ବୁଲାଇ ଆଣିପାରନ୍ତି! କିନ୍ତୁ ମେଘକୁ କ' ଣ ଧରି ହୁଏ ହାତମୁଠାରେ? ମାତ୍ର ମୁଁ ନିର୍ବୋଧ ପରି, ହାତ ମୁଠା ମୁଠା କରିଥିଲି ମେଘକୁ ଧରିବା ପାଇଁ । ... ଶୁଭା ଥିଲେ କହିଥାନ୍ତା 'ସିଲୀ' ।

ଉଠାଣି ରାସ୍ତାରେ ରିକ୍‌ସାକୁ ପଛରୁ ଠେଲୁଛନ୍ତି ଦୁଇଜଣ ଆଉ ସାମ୍‌ନାରେ ଟାଣୁଛନ୍ତି ଦୁଇଜଣ ଶେର୍ପା-କାନ୍ଧରେ ସେମାନଙ୍କର ଦଉଡ଼ି, ମୁଣ୍ଡରେ ଟୋପି । "ଏବେ ସିନା ଆପଣଙ୍କର ବସ୍, କାର୍ ଚାଲିଲା; ମାତ୍ର ଏଇ ସେଦିନ ପର୍ଯ୍ୟନ୍ତ ମସୋରୀକୁ ଆପଣମାନଙ୍କ ପରି ସାହେବମାନେ ଆସୁଥିଲେ ଦଣ୍ଡାରେ ନୋହିଲେ ପନିଘୋଡ଼ାରେ ରାଜପୁରଠାରୁ । ଆମେ ସେମାନଙ୍କୁ ଅଢ଼େଇ ଅଢ଼େଇ ଆଣୁଥିଲୁ । ସେତେବେଳେ ରାଜପୁରରୁ ମସୋରୀ ପର୍ଯ୍ୟନ୍ତ ରାସ୍ତା ତ ମୋଟେ ଆଠମାଇଲ । ଏବେ ସିନା ଆସୁଛନ୍ତି ବୁଲଣି ଘାଟି ରାସ୍ତାରେ!"- ଶେର୍ପାମାନଙ୍କର ସଂଳାପ ।

ମଲ୍ ନିର୍ଜନ । ସେଇଠାରୁ ବାହାରିଯାଇଛି କୁଇରି ବଜାର, ନିଉ ମାର୍କେଟ୍, ଲାଣ୍ଡୋର ବଜାର ପ୍ରଭୃତି ସହରର ବିଭିନ୍ନ ଅଞ୍ଚଳକୁ ରାସ୍ତା । ହୋଟେଲ ଗୋଟାଏ ମିଳିଯିବ ଏଇ ଯେକୌଣସି ସ୍ଥାନରେ- ମାନେ, ମଧ୍ୟବିତ୍ତ ପକେଟ ସୁହାଇବା ଭଳି । ଆଃ! ବିଚାରା ଏଇ ମଧ୍ୟବିତ୍ତ! ଦରିଦ୍ରଠାରୁ ସୁଦ୍ଧା ଦୀନତର । ହାକ୍‌ମାନସ୍ ହୋଟେଲ, ହୋଟେଲ ଓକ୍‌ସ୍‌ରେ ରହିବା ପାଇଁ ଇଚ୍ଛା, କିନ୍ତୁ ପକେଟ୍ ଟାଣୁଛି ଅନ୍ୟ ଆଡ଼େ । ହିନ୍ଦୀରେ କହିଲି-ମତଲପ୍ ହେ କି, ହାମ୍‌କୁ ଚାଇୟେ ଶସ୍ତା ହୋଟେଲ, ପାହାଡ଼ୀ କି ପର୍ । ଅସମାପ୍ତ ରହିଗଲା ଅଭିଳାଷର ଘୋଷଣା-ଝରକା ବାଟେ ପଶି ଦୁଆର ବାଟେ ବାହାରି ଯାଉଥିବ ଭସାମେଘ, ମୁଁ ଦେଖିପାରୁଥିବି ହିମାଳୟ ପାଦଦେଶର ପର୍ବତମାଳା! ବାଇନୋକୁଲାରଟା ଛାଡ଼ିଦେଇ ଆସିନାହିଁ ତ? କ୍ରୀସ୍‌ମାସ୍-ଗ୍ରୀଟିଙ୍ଗ୍ କାର୍ଡର ଛବିପରି ଚାରିଆଡ଼େ ଫିଟି ପଡ଼ିଛି ମସୋରୀ ହିଲଷ୍ଟେସନ, ଥାକ ଉପରେ ଥାକ ମାରି ଉଠିଯାଇଛି ସହର ।

ବୁଢ଼ା ଶେର୍ପା ଜଣକ କପାଳରୁ ବୁନ୍ଦା ବୁନ୍ଦା ଝାଳ ଝାକି କୋଟସ୍ଲିଭ୍‌ରେ ପୋଛି ଘରୱାଲୀ ମିଶା ହିନ୍ଦୀ ଅଥବା ହିନ୍ଦୀମିଶା ଘରୱାଲୀରେ ଯାହା କହିଲା, ସେଥିରୁ ବୁଝିଲି- ଇଏ ଅଫ୍‌ସିଜନ୍ କି ନା! ଅନେକ ହୋଟେଲ ବନ୍ଦ । କେବଳ ରହିବାର ଇନ୍ତଜାମ୍ । ଗରମପାଣି ପାଇବେ ନାହିଁ, ସକାଳେ ପଲଙ୍କ-ଚା ମଧ୍ୟ ମିଳି ନପାରେ । ଆଃ... ଆସିଥାନ୍ତେ ଯଦି ଅକ୍ଟୋବର ମାସରେ!

ତା' ହେଲେ? ସେତେବେଳେ ପୁଣି ମୋର ମନେପଡ଼ିଲା-"ତୁମେ ଅଦିନର ଅତିଥି ।" ଅଦିନ ସଙ୍ଗରେ ତ ଅତିଥିର ସମ୍ପର୍କ । ତିଥି ଦିନ ବାର ଠିକଣା କରି ଯୋଉମାନେ ଆସନ୍ତି, ସେମାନେ ଆଉ ଅତିଥି କ' ଣ? ସେମାନଙ୍କର ଯିବା ଆସିବାରେ କି ଉତ୍ତେଜନା ଅଛି? ସେମାନେ କେବଳ ଏନ୍‌ଗେଜ୍‌ମେଣ୍ଟ ପାଡ୍‌ରେ ଗୋଟାଏ ଧାଡ଼ି-ଚେତନାରେ ଗୋଟାଏ ଚମକ ନୁହନ୍ତି । "ହେୟ୍, ତମେ?" "ଓ ୟୁ! ହାଉ ସ୍ୱିଙ୍ଗ୍ ଏ ସର୍‌ପ୍ରାଇଜ୍!" ମୁଁ ହତଭାଗା ଏ ଅଫ୍-ସିଜନ୍‌ଟାରେ ଆସିଲି କାହିଁକି? ମସୋରୀ ତ ଚିତ୍କାର କରୁନାହିଁ 'ହେୟ୍, ଓଲଡ୍ ବୟ ।' ବରଂ ତା' ର ଫିକା ଓଠରେ ବିଦ୍ରୂପ 'ୟୁ ଫୁଲ୍' !

କେତେଟା ହୋଟେଲରେ ବୁଲି ଦେଖିଲି ସେଇ ଅବସ୍ଥା ।

ତା' ହେଲେ ଶେର୍ପାମାନେ ରିକ୍ସାଟାକୁ ଟାଣି ଟାଣି ମୋତେ ସହର ପରିକ୍ରମା କରାଉଛନ୍ତି କାହିଁକି?... ଫିଲ୍ମୀ ଆଦ୍‌ମୀ ଲୋକ୍ ଗଲେ କୁଆଡ଼େ? ସେମାନେ ତ ପୁଣି ରହିଥିବେ କୌଣସି ହୋଟେଲରେ? ମୋତେ ସେଇଠିକୁ ଏମାନେ ନେଉ ନାହାନ୍ତି କାହିଁକି? ଘରୱାଲୀ ଶେର୍ପାମାନେ ରଖିଛନ୍ତି ତା' ର ଖବର! ସେମାନେ ଉଠିଛନ୍ତି ଶେର୍‌ମାନ୍ ହୋଟେଲରେ-ସେଇ ଲାଲ୍ ପାହାଡ଼ୀ ଉପରେ! ସେ ହୋଟେଲ କିନ୍ତୁ ପୂରାପୂରି ରିଜର୍ଭଡ୍! ତା' ହେଲେ? ରିକ୍ସା ଉଠୁଥିଲା ଗୋଟାଏ ପାହାଡ଼ ମୁଣ୍ଡିଆ ଉପରକୁ । ତଳୁ ଉପର ପର୍ଯ୍ୟନ୍ତ ଓକ୍ ଗଛ ସବୁ ଠିଆ ହୋଇଛନ୍ତି ଧ୍ୟାନୀ ବୁଦ୍ଧମାନଙ୍କ ପରି... ଡାଳମାନଙ୍କରେ ସେମାନଙ୍କର ନାନା ପ୍ରକାରର ମୁଦ୍ରା-ସେଇ ଗଛଟା ଦିଶୁଛି ଅବଲୋକିତେଶ୍ୱରଙ୍କ ପରି, ଡାଳ ଗୋଟାଏ ତାର ନଇଁ ଆସିଛି-ଯେପରି ଭୂମିସ୍ପର୍ଶ ମୁଦ୍ରା ।

ମୁଣ୍ଡିଆ ଉପରେ ଲାଲ୍-ଖପରଲି ଛାଉଣି ଗୋଟାଏ ମାନସନ୍ ପରି ଘର! ସହର ବାହାରେ, ଏଇ ମାନ୍‌ସନ୍‌ରେ ଯିଏ ରହେ, ସେ ରହିପାରେ କିପରି ନିର୍ଜନତା, ନିଃସଙ୍ଗତା, ନିଃଶବ୍ଦତାର ସମୁଦ୍ରରେ ଗୋଟାଏ ନିଛାଟିଆ ଦ୍ୱୀପ ପରି? କିନ୍ତୁ ରିକ୍ସା ଟଣାଳି ଶେର୍ପାମାନେ ମୋତେ ତ ଟାଣି ଟାଣି ନେଉଛନ୍ତି ସେଇଆଡ଼େ! ସେମାନେ ନିଜ ନିଜ ଭିତରେ ଘରୱାଲୀରେ କ' ଣ କଥାବାର୍ତ୍ତା ହୋଇ କାହିଁକି ଏତେ ହସାହସି ହେଉଛନ୍ତି ବୁଝିପାରିଲି ନାହିଁ! ଈଷତ୍ ବିରକ୍ତ କଣ୍ଠରେ ପଚାରିଲି- ମୋତେ ନେଇ ଚାଲିଚ କୁଆଡ଼େ? ଏମିତି ପାହାଡ଼ରୁ ପାହାଡ଼ ବୁଲାଇ ବୁଲାଇ ଭଡ଼ା ଝଡ଼ାଇବା ମତଲବ୍ ନାଁ କ' ଣ?"

ବୁଢ଼ା ଶେର୍‌ପା ଜଣକ ଅପେକ୍ଷାକୃତ ଶୁଦ୍ଧ ହିନ୍ଦୀ କହିପାରେ । ସେ ଉତ୍ତର ଦେଲା- "ସେଇ ହୋଟେଲରେ ଆପଣଙ୍କର ସୁବିଧା ହେବ!"

"କିନ୍ତୁ ଏଇଟା ତ ହୋଟେଲ ପରି ମନେହେଉ ନାହିଁ! ଏଠୁ ବାହାରକୁ ଯିବା ଆସିବା ଯେ ମୁସ୍‌କିଲ୍!"

"ହୋଟେଲ୍‌ର ରିକ୍ସା ଅଛି । ଯିବା ଆସିବାରେ ଅସୁବିଧା ନାହିଁ । ତେବେ ଏଟା ଠିକ୍ ହୋଟେଲ ନୁହେଁ! ମସୋରୀ ଥିଲା ରାଜା, ମହାରାଜା ଆଉ ଗୋରା ସାହେବମାନଙ୍କର ସହର । ସିମ୍‌ଲା, ଦାର୍‌ଜିଲିଙ୍ଗ୍ ଅପେକ୍ଷା ରାଜାମହାରାଜାମାନେ ବେଶୀ ପସନ୍ଦ କରୁଥିଲେ ମସୋରୀକୁ । ଏ କୋଠି ସବୁ ସେଇମାନଙ୍କର! ରାଜୋଡ଼ା ଯିବା ପରେ ସେମାନଙ୍କ କୋଠି ସବୁ ଖାଲି ପଡ଼ିଛି, ନୋହିଲେ ହୋଇଛି ହୋଟେଲ । ସେ କୋଠିଟା ରାଜୋଡ଼ା କୋଠି । ମାତ୍ର ଏବେ ହୋଇଛି ହୋଟେଲ । ଯେଉଁମାନେ ହୋଟେଲରେ ହଜାର ହଜାର ଟଙ୍କା ଉଡ଼ାଉଥିଲେ, ସେମାନେ ଏବେ ଖୋଲିଛନ୍ତି ହୋଟେଲ! ଏଇ ତ ନସିବ!"

ମସୋରୀର ଇତିହାସ ଅପେକ୍ଷା ଭୂଗୋଳରେ ମୁଁ ଥିଲି ଅଧିକ ଆଗ୍ରହୀ! ମୁଁ ଈଷତ୍ ବିରକ୍ତ କଣ୍ଠରେ ପଚାରିଲି- "କିନ୍ତୁ କେଉଁ ମହାରାଜା କୋଠିକୁ ମୋତେ ଟାଣି ଘୋଷାଡ଼ି ନେଉଚ ତୁମେମାନେ?" ଅଦିନର ଅତିଥି ହେଲେ ଏଇ ତ ମୁସ୍‌କିଲ୍! ମେଘଭିଜା ଖଣ୍ଡେ ନେଳି ବଉଦ ଭିତରେ ମୁଁ ମୁହୂର୍ତ୍ତକ ପାଇଁ ଦେଖିପାରିଲି ନାହିଁ ନିଜକୁ । ମେଘ ଭିତରୁ କ୍ରମେ ସ୍ପଷ୍ଟତର ହୋଇ ଆସୁଥିଲା ସାମ୍‌ନାର ସେଇ ଭୂତକୋଠି!

ଫାଟକରେ ଲେଖା ହୋଇଛି- "ହୋଟେଲ ଡାଫୋଡ଼ିଲ୍ ।" ସ୍ୱସ୍ତିର ନିଃଶ୍ୱାସ ମାରିଲି! ଏଇଟା ତା' ହେଲେ ହୋଟେଲ! ବୁଢ଼ା ଶେର୍ପା କହିଲା- "ଭାବୁଆ ମହାରାଜାଙ୍କ ମଞ୍ଜିଲ୍ ଏଇଟା! ରାଜୁଡ଼ା ସବୁ ଯିବା ପରେ ମସୋରୀର ସୁଦିନ ଯାଇଛି! ରାଜା, ମହାରାଜାମାନେ ସେମାନଙ୍କ ମଞ୍ଜିଲ୍‌ମାନଙ୍କରେ ଖୋଲିଛନ୍ତି ହୋଟେଲ୍ ।

ଉର୍ଦ୍ଦୀପିନ୍ଧା ବିଅରର୍ ପରି ଜଣେ ଲୋକ, ମୋତେ ରିକ୍ସାରୁ ମାଲପତ୍ର ଧରି ଓହ୍ଲାଇବା ଦେଖି, ମୋ ଚାରିପଟେ ଘୂର୍‌ଘୂର୍ ହେଉଥିଲା । ସେ କହିଲା- "ପେଇଙ୍ଗ୍ ଗେଷ୍ଟ୍ ଭାବରେ ଏଠି ରହନ୍ତି ଟୁରିଷ୍ଟମାନେ! ଏଇଟା ଅଫ୍‌ସିଜନ୍ ତ! ଚାଲିବ ଏଇ ଧରନ୍ତୁ ଅକ୍ଟୋବର ପର୍ଯ୍ୟନ୍ତ । ସେଥିପାଇଁ କେହି ନାହାନ୍ତି ବର୍ତ୍ତମାନ! କେବଳ ମହାରାଜ ସାହେବ ଆଉ ମିସିବାବାଙ୍କ ବ୍ୟତୀତ! ତେବେ ହୋଟେଲର ସବୁ ସୁବିଧା ଆପଣ ପାଇବେ ଏଠି!"-

ଦୈନିକ ମାସୁଲ ପଚାରିବା ପାଇଁ ସାହସ ହେଉ ନ ଥିଲା । ପାହାଡ଼ ମୁଣ୍ଡିଆ ଚାରିପଟେ ଓକ୍ ଆଉ ପାଇନ୍ ବଣରେ ଭେଳାଭେଳା ମେଘ ମୋର ମଧ୍ୟବିତ୍ତୀୟ ଭୀରୁତାକୁ କେତେକ ପରିମାଣରେ ଉଡ଼ାଇ ନେଇଥିଲା ।

ବାହାରୁ କଲିଙ୍ଗ୍‌ବେଲ୍ ସୁଇଚ୍ ଟିପିବାମାତ୍ରେ, ପ୍ରଥମେ ଶୁଭିଲା ଦୁଇଟା ଆଲ୍‌ସେସିଆନ୍‌ଙ୍କ ଗର୍ଜନ ଆଉ ତା' ସଙ୍ଗରେ କୋମଳ ନାରୀ କଣ୍ଠରେ- "ଜର୍ଜ୍! ଜିମୀ! ନୋ-ନୋ!" କୁକୁର ଦୁଇଟା ମୋ' ଚାରିପଟେ ଘୂରିଘୂରି ମୋତେ ଶୁଙ୍ଘିଗଲେ । ଠିକ୍ ଅଛି, ଲୋକଟା ଗୋଟାଏ ଗେଷ୍ଟ!

ମୋ' ସାମ୍‌ନାରେ ଯେଉଁ ଭଦ୍ରମହିଳା, ଗଳାଠାରୁ ପାଦ ଆଙ୍ଗୁଠି ଲୁଚିବା ପର୍ଯ୍ୟନ୍ତ ଖଣ୍ଡେ ମସ୍‌ଲିନ୍ ଗାଉନ୍ ଝୁଲାଇ, କାନ୍ଧ ଉପରେ ଖଣ୍ଡେ ନେଳି ଉଲେନ୍ ସ୍କାର୍ଫ୍ ପକାଇ ମୋର ହୋଲଡ-ଅଲ୍ ଆଉ ସୁଟ୍‌କେଶ୍ ଦୁଇଟାକୁ ଚାହିଁ ଦେଖୁଥିଲେ, ସେ ହଠାତ୍ ମୋ' ଚଷମା ଲେନ୍‌ସ ଭିତରକୁ ସସ୍ମିତ ଦୃଷ୍ଟିରେ ଚାହିଁ ପଚାରିଲେ- "ଆପଣ ଦିଲ୍ଲୀରୁ ଆସିଲେ ପରା?" ସୁଟ୍‌କେଶ୍ ଉପରେ ଲେଖାଥିବା ମୋର ନାଁ ଆଉ ଠିକଣାରୁ, ମୁଁ ଦିଲ୍ଲୀରୁ ଆସିଛି ବୋଲି ଅନୁମାନ କରିବାରେ କୌଣସି ଅଲୌକିକ ଅନ୍ତର୍ଦୃଷ୍ଟି ନ ଥିଲା । କିନ୍ତୁ ଯୌବନର ବିଷଣ୍ଣ ସୀମାନ୍ତରେ ଏଇ ଭଦ୍ରମହିଳାଙ୍କ ପାତଳା ଓଠ ଦୁଇଟା ସସ୍ମିତ କାହିଁକି? ଆକ୍ଷିରେ କାହିଁକି ଉଜ୍ଜ୍ୱଳ ଔତ୍ସୁକ୍ୟ? କଣ୍ଠରେ କାହିଁକି ଆନ୍ତରିକତାର ସ୍ୱର୍ଶ?... ମୋର ରୋମାଣ୍ଟିକ୍ ଭାବାବେଗ ଭାଙ୍ଗି ଭଦ୍ରମହିଳା କହିଲେ- "ଆପଣ ଚେକ୍-ଇନ୍ କାଉଣ୍ଟର୍‌କୁ ଆସନ୍ତୁ ।" ହୋଟେଲ ରେଜିଷ୍ଟାର୍‌ରେ ମୁଁ ନାମଧାମ ଲେଖିକି-ବୋର୍ଡ଼କୁ ଚାହିଁ ଦେଖିଲି, ନେମ୍‌ପ୍ଲେଟ୍ ସବୁ ଚଉକୋଣିଆ ଶୂନ୍ୟ ଦୃଷ୍ଟି ମେଲି ଚାହିଁରହିଛନ୍ତି ମୋ' ଆଡ଼େ । ମୋତେ ଚେତାଇ ଦେଉଛନ୍ତି, ଏ ଭୂତକୋଠିରେ ମୁଁ ଏକା, ଏକମାତ୍ର ଅତିଥି!-

"ଡାଡ଼ି-ସୁଟ୍ ନମ୍ବର ଟୁ' ଟା ଦେଉଛି ତାଙ୍କୁ ।"

ଜଣେ ବୃଦ୍ଧ ଭଦ୍ରଲୋକ ଗୋଟାଏ ଭେଲଭେଟ୍ ଗାଉନ୍ ପିନ୍ଧି ଓଠରେ ପାଇପରୁ ଇଞ୍ଜିନ ପରି ଧୂଆଁ ଉଡ଼ାଇ ଆସୁଥିଲେ କାଉଣ୍ଟର୍ ଆଡ଼େ । ତାଙ୍କ ପଛେ ପଛେ ସେଇ ଦୁଇଟା ଆଲ୍‌ସେସିଆନ । ଏଇ ବୋଧହୁଏ ହିଜ୍ ହାଇନେସ୍, ଭାବୁଆ! ଚେହେରାରେ ସେଇପରି ଆଭିଜାତ୍ୟର ଚିହ୍ନ । ସେ ମୋତେ ଆପାଦମସ୍ତକ ନିରୀକ୍ଷଣ କରୁଥିଲେ- ମୁଁ ଚଳନୀୟ କି ନୁହେଁ, ବୋଧହୁଏ ତଉଲିବା ପାଇଁ ।

ବୃଦ୍ଧ ହାଇନେସ୍‌ଙ୍କ ଆଖି ଦୁଇଟା ଉଜ୍ଜ୍ୱଳ ହୋଇଉଠିଲା । ସେ କହିଲେ- "ୱେଲ୍‌କମ୍! ସାରା ମସୋରୀରେ ହୋଟେଲ ଡାଫୋଡ଼ିଲ୍ ଛଡ଼ା ହୋମ୍‌ଲି ଆଟ୍‌ମସ୍‌ଫିୟର୍ ଆଉ ପାଇବେ ନାହିଁ କୋଉଠି ।" ମୋତେ ପାଇ ବୃଦ୍ଧ ଯେପରି ଅଥଳ ଦରିଆରେ ଗୋଟାଏ ଆଶ୍ରୟ ପାଇଥିଲେ । ଅନ୍ତତଃ ସେଇପରି ମନେହେଉଥିଲା, ବଳିରେଖାଙ୍କିତ ତାଙ୍କର ମୁହଁ ଆଉ ଆଖିରୁ । ସେ କହୁଥିଲେ- "ସୁଟ୍ ନମ୍ବର ଫୋର୍‌ଟା ତାଙ୍କର ବେଶୀ ମନୋମତ ହେବ ନିଶ୍ଚୟ । ଝରକା ପାଖକୁ ଲାଗିଆସିଛି ପାଇନ୍ ଜଙ୍ଗଲ । ଭଦ୍ରଲୋକଙ୍କର ଏଠି ସାଥୀ ହେବ ତ ସେଇ ପାଇନ୍ ଗଛ ଆଉ ଚଲା ମେଘମାନେ ।"

ଅଦିନର ଅତିଥି ହେବାରେ ମଧ୍ୟ ଏହିପରି ଗୋଟାଏ ଗୋଟାଏ ଲାଭ ଅଛି- ହଠାତ୍ ମିଳିଯାନ୍ତି ଏହିପରି ମଣିଷ ଆଉ ପରିବେଶ । ଆଗରୁ କୋଉ ହୋଟେଲରେ ସିଟ୍ ରିଜର୍ଭ୍ କରିଥିଲେ, କ' ଣ ମିଳିଥାନ୍ତା ଗୃହ ପ୍ରବେଶର ଏଇ ରୋମାଞ୍ଚ ? ଭଦ୍ରମହିଳା ଭିଜିଟରସ୍ ରେଜିଷ୍ଟର ବନ୍ଦ କରୁ କରୁ ଦେଖିଲି, ତାଙ୍କ ଡାହାଣ ହାତର କନିଷ୍ଠାଙ୍ଗୁଠିରେ ଗୋଟାଏ ପ୍ଲାଟିନମ ମୁଦିରେ ଖଣ୍ଡେ ନୀଳା ଚକ୍‌ଚକ୍ କରୁଛି । ମାର୍ବଲ୍ ପରି ବଳିଲା ବଳିଲା ହାତରେ ସେଇ ମୁଦିଟାରେ ଇ ଯେପରି ଫୁଟିଉଠିଛି ଭଦ୍ରମହିଳାଙ୍କ ବ୍ୟକ୍ତିତ୍ୱର ସ୍ନିଗ୍ଧତା ଆଉ ସୌକୁମାର୍ଯ୍ୟ । ଇଚ୍ଛା ହୁଏ ଏପରି କରପୃଷ୍ଠକୁ ଚୁମ୍ବନ କରିବା ପାଇଁ, ଏଲିଜାବେଥୀୟ ନାଇଟ୍‌ମାନଙ୍କ କାୟଦାରେ ଆଣ୍ଠୁଭାଙ୍ଗି, ନତଜାନୁ ହୋଇ ।

ଦୁଇଦିନ ପରେ...

ମୁଁ ପାଗଳ ହୋଇନାହିଁ ତ? ମାନେ ଠିକ୍ ପ୍ରକୃତିସ୍ଥ ଅଛି ତ? ଝରକା ବାଟେ ଭସାମେଘ ସବୁ ଭାସିଯିବା ବେଳର ଅନୁଭୂତିରେ ପ୍ରଥମେ ରୋମାଞ୍ଚ ଥିଲା । କିନ୍ତୁ ଏ ଦୁଇଦିନ ଭିତରେ ଭାରି ଚିଟା ଲାଗିଲାଣି । ଭସାମେଘ ସବୁ ଯେପରି ରେଖାଙ୍କିତ କରି ଯାଉଛନ୍ତି ମୋର ନିଃସଙ୍ଗତା! ଆଃ... ଏଇ ଅଶରୀରୀ ମେଘସବୁ ଯଦି ହଠାତ୍ କିନ୍ନର-କିନ୍ନରୀ ହୋଇ ଖିଲ୍‌ଖିଲ୍ ହସରେ ଏ ନିର୍ଜନତାକୁ ପୋର୍ସିଲେନ୍ ଭେସ୍ ପରି ଭାଙ୍ଗି ଟୁକୁରା ଟୁକୁରା କରିଦିଅନ୍ତେ! ହିଜ୍ ହାଇନେସ୍‌ଙ୍କ କୋଠରୀରୁ ଶୁଭୁଛି ଭାଇଓଲିନ୍‌ର ଆଳାପ! ଆଳାପ ତ ନୁହେଁ ବିଳାପ! ଏଇ ଦୁଇଦିନ ଭିତରେ ଯାହା ବୁଝିଲି, ହିଜ୍ ହାଇନେସ୍‌ଙ୍କ ଏକମାତ୍ର ସଙ୍ଗୀ ଭାଇଓଲିନ୍, ଏକମାତ୍ର ଗଳ୍ପ ହିମାଳୟର ତରାଇ ଜଙ୍ଗଲରେ ବାଘ ଶିକାର, ଜିମ୍ କର୍‌ବେଟଙ୍କ ସହିତ ବନ୍ଧୁତ୍ୱ ଆଉ ତାଙ୍କ କନ୍ୟାଙ୍କର ଏକମାତ୍ର ହବି ସ୍ୱେଟର୍‌ବୁଣା, ବେଳେବେଳେ ରେକର୍ଡ-ପ୍ଲେୟର୍‌ରେ ବିଥହୋବେନ, ମୋଜାର୍ଟ ପ୍ରଭୃତିଙ୍କ ସିମ୍ଫୋନୀ!...ରାଜକନ୍ୟାଙ୍କର ବିବାହ ବିଚ୍ଛେଦ ଘଟିଛି ।

ଦଣ୍ଡବୈଠକ ମାରିବା ପରି ମୁଁ କେତେଥର ଉଠବସ ହେଲି । ମାଂସପେଶୀ ସବୁ ସଞ୍ଚାଳିତ କଲି । ନାଇଁ, ମୁଁ ଠିକ୍ ପ୍ରକୃତିସ୍ଥ ଅଛି!

ନିଜକୁ ଦୋଷ ଦେଲି । ନିଜ ପ୍ରତି ନିଜେ ଆକ୍ଷେପ କଲି- ମୁଁ ନିର୍ବୋଧ, ଆଜି ସେଇ ବୁଢ଼ା ହାଇନେସ୍ କଥାରେ ପଡ଼ି ରହିଗଲି କାହିଁକି? ଚେକ-ଆଉଟ୍ କରିଯିବା ପାଇଁ ହୋଟେଲ ବିଲ୍ ଛିଣ୍ଡାଇବା ପାଇଁ ଯାଇଥିଲି କାଉଣ୍ଟର୍ ପାଖକୁ । ହିଜ-ହାଇନେସ୍-ନନ୍ଦିନୀ ସେଇ ନୀଳାଙ୍ଗୁରୀୟ ପିନ୍ଧା ଆଙ୍ଗୁଠିରେ କପାଳ ଉପରୁ କେରାଏ ଅଲରା କେଶ ଘୁଞ୍ଚାଇ ପ୍ରାୟ ଚିତ୍କାର କରିବା ପରି କଣ୍ଠରେ କହିଲେ- "ଡାଡି, ଇଏ ଚେକ୍-ଆଉଟ୍ କରିଯିବେ ବର୍ତ୍ତମାନ!" ତା' ପରେ ମୋତେ ଲକ୍ଷ୍ୟ କରି କହିଲେ- "ଚେକ୍-ଆଉଟ୍ ପାଇଁ ଆମର ସେପରି ଧରାବନ୍ଧା ସମୟ ନାହିଁ । ଆପଣ ଇଚ୍ଛା କଲେ, ଲଞ୍ଚ ପରେ ମଧ ଯାଇପାରନ୍ତି!"

ବୃଦ୍ଧ ହାଇନେସ୍ କେତେଦିନ ତଳର ଖଣ୍ଡେ ଖବରକାଗଜ ପଢୁଥିଲେ, ଗୋଟାଏ ଡିଭାନ୍ ଉପରେ । ସେ ଉଠି ଆସି, ମୋ' ପିଠିରେ ହାତ ରଖି କହିଲେ- "ମସୋରୀକୁ ଆସି ଦୁଇଦିନ ଭିତରେ କିଏ ଚାଲିଯାଏ ନାଁ କ'ଣ? ପୁଣି ହୋଟେଲ ଡାଫୋଡିଲ୍‌ରୁ!" ଆଲସେସିଆନ ଦୁଇଟା ଗର୍ଜନ କରି ଉଠିଲେ, ହାଇନେସ୍‌ଙ୍କୁ ସମର୍ଥନ କରି ।

ରାଜକନ୍ୟାଙ୍କ ଆଖିରେ ବିଷଣ୍ଣ ଔତ୍ସୁକ୍ୟ ।

"ଆଉ ଦୁଇ ତିନିଦିନ ରହିଯାନ୍ତୁ! ରିଲାକ୍ସ, ରିଲାକ୍ସ! ଆଉ ଦୁଇ ତିନିଦିନ ରହିଗଲେ, ଆକାଶ ଛିଡ଼ିପଡ଼ିବ ନାହିଁ!"

ରିସେପ୍‌ସନ୍-କାଉଣ୍ଟର୍‌ରେ ହୋଟେଲ-ଟାରିଫରୁ ଦେଖି ସାରିଲିଣି, ଦୈନିକ ମାସୁଲ ଏଠି ଦୁଇଶହ ଟଙ୍କା-ବୋଡ଼ିଙ୍ଗ ଲଜିଙ୍ଗ୍ ମିଶାଇ! ଟିପ୍‌ସ ଟେନ୍ ପରସେଣ୍ଟ ! ଇଏ କ'ଣ ମୋ' ଠାରୁ ଟଙ୍କା ଝଡ଼ାଇବାର ଫନ୍ଦି?- କିନ୍ତୁ ବୃଦ୍ଧ ହାଇନେସ୍‌ଙ୍କ ଆନ୍ତରିକତା ଆଉ ରାଜକନ୍ୟାଙ୍କ ବିଷଣ୍ଣ ଔତ୍ସୁକ୍ୟର ଆବେଦନକୁ ଭାଙ୍ଗିପାରିଲି ନାହିଁ! ଆଉ ଦୁଇଦିନ ରହିଗଲେ, କ'ଣ ବା କ୍ଷତି ହୋଇଯାଉଛି? ଫେରି ଆସିଲି ।

ଅପରାଜିତା ରଙ୍ଗର ଖଣ୍ଡେ ପାତଳା ମେଘ ମୋ' ଛାତି ଉପରେ ଗୋଟାଏ ମୁହୂର୍ତ୍ତ ମୁହଁ ଚାପି ପୁଣି ଧୀରେ ଧୀରେ ଭାସିଗଲା ଖୋଲା ଦରଜା ବାଟେ । ମେଘଠାରୁ ମୋର ସିଗାରେଟ ଧୂଆଁର କୁଣ୍ଡଳୀକୁ ଅଲଗା ବାରିପାରିଲି ନାହିଁ । ଆଃ, ସେତେବେଳେ ଯଦି ରାଜକନ୍ୟାଙ୍କ ବିଷଣ୍ଣ ଔତ୍ସୁକ୍ୟ ପ୍ରତି ଦୃକ୍‌ପାତ ନ କରି ଚାଲିଯାଇ ପାରିଥାନ୍ତି!

ଡିନର୍ ଗଙ୍ଗ୍ ବାଜିଲା । ସନ୍ଧ୍ୟା ସାତଟା ।

ମୁଁ ବିଛଣାରୁ ଉଠିପଡ଼ି ଡିନର୍ ପୋଷାକ ପରି ଗୋଟାଏ ଭଦ୍ରପୋଷାକ ଦେହରେ ଗଳାଇ ନେଲି । ଟେବୁଲକୁ କିନ୍ତୁ ବୃଦ୍ଧ ହାଇନେସ୍ ଆସନ୍ତି ରୀତିମତ ଡିନର ଜାକେଟ ପିନ୍ଧି, ବଟନ-ହୋଲରେ ଗୋଲାପ କଢ଼ି ଖୋଷି । ରାଜକନ୍ୟାଙ୍କ ପରିଧାନରେ ସେଇ ସ୍ଲିଭଲେସ୍ ସିଲକ ନେଗଲିଜି ଆଉ ତା' ଉପରେ ଗୋଟାଏ କାଶ୍ମୀରୀ ସ୍କାର୍ଫ । ଡିନର୍ ସାମାନ୍ୟ । କିନ୍ତୁ ସର୍ଭିସ ବଡ଼ ମନ୍ଥର । ଧୈର୍ଯ୍ୟଚ୍ୟୁତି ଘଟେ । ଡିନର୍ ଟେବୁଲ ଉପରେ ଅଖଣ୍ଡ ନୀରବତା । କିଏ କ'ଣ କହିବ, କେମିତି କଥା ଆରମ୍ଭ କରିବ, କେହି ସ୍ଥିର କରିପାରନ୍ତି ନାହିଁ । ସମସ୍ତେ ତେଣୁ ରହନ୍ତି ନୀରବ । ଏଣେ ସୁପ୍ ପରେ ମେନ୍ ଡିସ୍ ଆସିବା ମଧ୍ୟରେ ବିତିଯାଏ ଅଧଘଣ୍ଟା ! ଗୋଟାଏ ସମୁଦ୍ରରେ ତିନିଟା ଛଡ଼ାଛଡ଼ି ନିର୍ଜନ ଦ୍ୱୀପ!... ବୃଦ୍ଧ ହାଇନେସ୍‌ଙ୍କ ସୁପ ପ୍ଲେଟ ଶେଷ ହୋଇଥିଲା । ନାପ୍‌କିନଟା ଦୁଇପଟ ବହଳ ନିଶ ଉପରେ ବୁଲାଇ ସେ କିଛିକ୍ଷଣ ଟେବୁଲ ଉପରେ ଆଙ୍ଗୁଠି ଠକ୍‌ଠକ୍ କଲେ । କିପରି କ'ଣ କଥା ଆରମ୍ଭ କରିବେ, ସ୍ଥିର କରି ପାରୁ ନ ଥିଲେ! ରାଜକନ୍ୟା ଫେରିଯାଇଥିଲେ ଉଲ୍ ପିଣ୍ଡଳା ଆଉ ଷ୍ଟୀଚର ଭିତରକୁ । ଆଉ ମୁଁ ମନେ ମନେ ନିଜକୁ ଦେଉଥିଲି ଅଭିସମ୍ପାତ!... ବାହାରେ ପାଇନ ବଣରେ ଆଜି ଝିଲ୍ଲୀଗୁଡ଼ାକ ସୁଦ୍ଧା ନୀରବ କାହିଁକି?

ବୃଦ୍ଧ ହାଇନେସ୍ ଗଳା ସଫା କରି ଆରମ୍ଭ କଲେ- "ଜିମ୍ କର୍‌ବେଟ କୋଉଠି କହି ନାହାନ୍ତି, ସବୁ ବାଘ ମାନ୍-ଇଟର ବୋଲି! ଅଥଚ କୈଳାଶ ସଙ୍ଖାଲା ଲେଖିଛି..."

ପୁଣି ସେଇ ଜିମ୍ କରବେଟ, ତରାଇ ଜଙ୍ଗଲର ସେଇ ବାଘ ଶିକାର!

"ଡାଡ଼ି, ତୁମେ ଗୋଟିଏ ବୋର୍! ଜିମ୍ କରବେଟ ଆଉ ବାଘ, କୋଉ ଭାଇସରୟ ଆଉ ସିମଳା ଛଡ଼ା ତମର କ'ଣ ଅନ୍ୟ କଥା ନାହିଁ?"

ବୃଦ୍ଧ ହାଇନେସ କହିଲେ- ଜିମ୍ କରବେଟ କେବେ ସେପରି କହିନାହାନ୍ତି; ଜିମ୍‌କୁ ମୁଁ ଜାଣେ ନାହିଁ? ଏକାଠି ବୁଲିଛୁ ତରାଇ-ଜଙ୍ଗଲରେ ସେଇ ଦେବପ୍ରୟାଗ ମାନ୍-ଇଟର ଶିକାର ବେଳେ! ମାନ୍-ଇଟର୍ ଆଉ ବୃଦ୍ଧ ରାଜନୈତିକ ନେତାମାନଙ୍କ ମଧ୍ୟରେ ଗୋଟାଏ ସାମଞ୍ଜସ୍ୟ ଅଛି; ସେମାନେ ଯେତିକି ଯେତିକି ବୁଢ଼ା ହୁଅନ୍ତି, ସେତିକି ହୁଅନ୍ତି ଭୟଙ୍କର, ବ୍ଲଡ଼-ଥାର୍‌ଷ୍ଟି! ଶମ୍ବର, ହରିଣ ସାଙ୍ଗରେ ଦଉଡ଼ାରେ ଆଉ ପାରନ୍ତିନାହିଁ ତ ।"

ରାଜକନ୍ୟାଙ୍କ କଣ୍ଠରେ ପ୍ରତିବାଦ- "ଡାଡ଼ି...!"

ସେତିକିବେଳେ ଆସିଗଲା ମେନ୍ ଡିସ୍ । ମୁଁ ସ୍ୱସ୍ତିର ଦୀର୍ଘଶ୍ୱାସ ଛାଡ଼ିଲି । ଓଃ! ପୁଣି ବାକି ରହିଲା ଡେସଟ, ତା' ପରେ କଫି!

ବୃଦ୍ଧ ହାଇନେସ୍ ନୀରବ ହୋଇଗଲେ!

ପରଦିନ ସକାଳେ ମୁଁ ଦୃଢ଼ ପାଦରେ ଜୋତାକୁ ଅକାରଣରେ ମଚମଚ କରି ପହଞ୍ଚିଗଲି ରିସେପ୍‌ସନ୍ କାଉଣ୍ଟର୍‌ରେ! ଆଉ ମୁହୂର୍ତ୍ତେ ମାତ୍ର ନୁହେଁ । ବିଅରର୍ ଅଳ୍ପ ପୂର୍ବେ ମୋତେ ଦେଇଯାଇଥିଲା ବିଲ୍-ତିନିଦିନର ମାସୁଲ ରୁମ୍ ସର୍ଭିସ୍ ସହିତ ସାଢ଼େ ସାତଶହ ଟଙ୍କା!

କାଉଣ୍ଟର୍‌ରେ ରାଜକନ୍ୟା ନ ଥିଲେ; ଗୋଟିଏ ଘୂରା ଚଉକି ଉପରେ ବସି ବୃଦ୍ଧ ହାଇନେସ୍ ପଢୁଥିଲେ କେତେଦିନ ତଳର ଖଣ୍ଡେ ପୁରୁଣା ଖବରକାଗଜ! ପାଦତଳେ ଶୋଇଥିଲେ ସେଇ ଦୁଇଟା ଆଲସେସିଆନ ।

"ଓ! ତୁମେ ତା' ହେଲେ ଆଜି ଚାଲିଯିବା ପାଇଁ ଏକାଥରେ ଡିଟରମିନ୍‌ଡ?"

ମୁଁ ନୀରବ ରହିଲି । ପଚାରିଲି- "ଟ୍ରାଭଲରସ୍ ଚେକ ରଖନ୍ତି ତ ଆପଣ?" ବିଲ୍‌ଟା ତାଙ୍କ ଆଡ଼େ ବଢ଼ାଇ ଦେଲି, ଆଉ ଥରେ ଦେଖିବା ପାଇଁ- ମୋ ଭିତରର ମଧ୍ୟବିତ୍ତଟି ପୁଣି ଚେଇଁ ଉଠିଥିଲା । ବୃଦ୍ଧ ହାଇନେସ ଅଫ୍-ସିଜନ୍ ବୋଲି ଯଦି କିଛି ରିହାତି ଦିଅନ୍ତି!

ସେ କିନ୍ତୁ ବିଲ୍‌ଟାକୁ ଅନେକ କ୍ଷଣ ଚାହିଁ ଦେଖିଲେ । ମୋର ଭୟ ହେଉଥିଲା, ସେଥିରେ ସେ ଯଦି ଆଉ କିଛି ଯୋଡ଼ି ଦିଅନ୍ତି, ତା' ହେଲେ ମୁଁ ନିରୁପାୟ! ସେ ପାଇପରୁ କଳେ ଧୂଆଁ ଛାଡ଼ି, ମୋ ଆଡ଼େ ଚାହିଁ କହିଲେ, "ଆଉ ଦିନେ ଦୁଇଦିନ ରହିଯାଇଥିଲେ ଚଳନ୍ତା ନାହିଁ?"

ତା' ପରେ ବିଲ୍‌ଟାକୁ ଛିଣ୍ଡାଇ ଫିଙ୍ଗିଦେଇ କହିଲେ- "ବଡ଼ ଆନନ୍ଦରେ ତୁମ ସଙ୍ଗରେ କଟିଗଲା ଏ କେତେଟା ଦିନ । ସାଧାରଣତଃ ଏଆଡ଼େ କେହି ଆସନ୍ତି ନାହିଁ ତ- ନାଁ ନାଁ କିଛି ଭାବନ୍ତୁ ନାହିଁ । ଏଇଟା ହୋଟେଲ ଡାଫୋଡ଼ିଲର ହସ୍‌ପିଟାଲିଟି । ତା' ହେଲେ ଅଫ୍ ସିଜନରେ ଆଉ କେହି ଆସିପାରନ୍ତି ।"

ଏ ବିଚିତ୍ର ଆଚରଣର ଅର୍ଥ ମୁଁ ବୁଝିପାରିଲି ନାହିଁ । ଦୁଇଜଣ ବିଅରର୍ ମୋର ହୋଲଡ଼-ଅଲ ଆଉ ସୁଟକେଶ ବାହାର ପୋର୍ଚ୍ଚକୁ ଆଣୁଥିଲେ ରିକ୍‌ସାରେ ଲଦିବା ପାଇଁ, ଆଉ ପ୍ରିନସେସ୍? ବ୍ୟାକୁଳ ଆଖିରେ ମୁଁ ଚାରିଆଡ଼କୁ ଚାହିଁଲି । ସେ କିନ୍ତୁ ଠିଆ ହୋଇଥିଲେ ରିସେପସନ କାଉଣ୍ଟର୍‌ର ଗୋଟାଏ ସ୍ୱଳ୍ପାଲୋକିତ କୋଣରେ, ମାର୍ବଲରେ ଖୋଳା ଷ୍ଟାଚ୍ୟୁ ପରି । ତାଙ୍କର ଦୁଇ ଆଖିରେ ସେଇ ବିଷଣ୍ଣ ଜିଜ୍ଞାସା-ଆଉ ଦୁଇଟା ଦିନ ରହି ଯାଇଥିଲେ, କ' ଣ ବା କ୍ଷତି ହୋଇଯାଇଥାନ୍ତା ଏପରି?- ହୋଟେଲ ଉପଲକ୍ଷ୍ୟ ମାତ୍ର! ସେମାନେ ଚାହୁଁଥିଲେ ସେମାନଙ୍କ ନିଃସଙ୍ଗ ଜୀବନରେ ସାନ୍ନିଧ୍ୟ । କିନ୍ତୁ ମୁଁ ଯେ ମଧ୍ୟ ନିଃସଙ୍ଗ, ଏଇ ବିବିକ୍ତ ନିର୍ଜନତା ମଧ୍ୟରେ ମୁଁ ମଧ୍ୟ ରୁଦ୍ଧଶ୍ୱାସ ହୋଇ ଉଠିଥିଲି ।- ସ୍ୱସ୍ତିର ଦୀର୍ଘଶ୍ୱାସ ପକାଇ ମୁଁ ରିକ୍‌ସା ଉପରକୁ ଉଠିଲି...

(୧୯୭୯)